# OFFICE OF THE MUNICIPAL COUNCIL: BALANGIR

Address: - Office of the Municipal Council Balangir, Opp. Of Rajendra park Balangir, Pin: -767001,
Ph No.: - 06652 232720, Email ID:- bgrmc1972@gmail.com


Letter No 3771 //  Date. 23/9/2024

## ଅଭିବ୍ୟକ୍ତି ପ୍ରକାଶନ

ଏତତ୍ ଦ୍ୱାରା ବଲାଙ୍ଗିର ପୌରପରିଷଦ ର ୱାର୍ଡ ନଂ.୧୮ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା-୧୯୬୪୮ ତା.୦୪.୧୦.୨୦୨୩ ଅନୁସାରେ ବଲାଙ୍ଗିର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ.୧୮ ସ୍ଥିତ ବିଜାଖମନ ଠାରେ ୨ ଗୋଟି କ୍ଷୁଦ୍ର ଜୈବସାର ପ୍ରକ୍ରିୟା କରଣ କେନ୍ଦ୍ର (MCC) ଓ ଏକ ଗୋଟି ବସ୍ତୁ ପୁନର୍ଲାଭ କେନ୍ଦ୍ର (MRF) ନୂତନ ଭାବେ ଗଠନ କରାଯାଇଅଛି । ଉକ୍ତ କେନ୍ଦ୍ର ଗୁଡିକର ପରିଚାଳନା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଙ୍କ ଠାରୁ ତା.୨୩.୦୯.୨୦୨୪ ଠାରୁ ତା.୦୭.୧୦.୨୦୨୪ ସୁଦ୍ଧା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ମାନେ ତା. ୦୭.୧୦.୨୦୨୪ ଅପରାହ୍ନ ୫ ଟା ସୁଦ୍ଧା ଆବଶ୍ୟକୀୟ କାଗଜପତ୍ର / ଦସ୍ତାବିଜ ନିର୍ଦ୍ଧାରିତ ଆବେଦନ ପତ୍ର ରେ ପୂରଣ କରି ରେଜେଷ୍ଟ୍ରି ପୋଷ୍ଟ / ସ୍ପୀଡ୍ ପୋଷ୍ଟ / କୋରିୟର ମାଧ୍ୟମରେ କିମ୍ବା ପରିଷଦ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ବାକ୍ସ ରେ ଦରଖାସ୍ତ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ଏବଂ ଆସନ୍ତା ତା.୦୮.୧୦.୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ନିମ୍ନ ସାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଖୋଲାଯିବା ପାଇଁ ସ୍ଥିର କାରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବ ସାଇଟ (www.balangir.nic.in) ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପା ର ଉପରେ "କ୍ଷୁଦ୍ର ଜୈବସାର ପ୍ରକ୍ରିୟା କରଣ କେନ୍ଦ୍ର (MCC) ଓ ଏକ ଗୋଟି ବସ୍ତୁ ପୁନର୍ଲାଭ କେନ୍ଦ୍ର (MRF) ପରିଚାଳନା ପାଇଁ ଆବେଦନ" ଲେଖାଥିବା ଆବଶ୍ୟକ । ଅଧିକ ଜାଣିବାପାଇଁ ବଲାଙ୍ଗିର ପରିଷଦର ର CO / ମୁକ୍ତା ପ୍ରକୋଷ୍ଠ ସହିତ ଯୋଗାଯୋଗ କରନ୍ତୁ । ଆବେଦନ ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ସଂଲଗନ୍ନ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

**ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧. ଆବେଦନ କରିଥିବା ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ବଲାଙ୍ଗିର, ପୌର ପରିଷଦ ରେ ପଞ୍ଜିକୃତ ହୋଇଥିବେ ।
୨. ପଂଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଂଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣକାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି )
୩. ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ PAN Card ଥିବ ।
୪. ଗୋଷ୍ଠୀ / ସଂଘର ସକ୍ରିୟ ଜମାଖାତ ଥିବ ।
୫. କୌଣସି ଅର୍ଥିକ ଅନିୟମିତତା କିମ୍ବା ବ୍ୟାଙ୍କ୍ ଖିଲାପି ନଥିବେ ।
୬. ଗୋଷ୍ଠୀ / ସଂଘ ଗୋଟିଏ ଆର୍ଥିକ ବର୍ଷରେ ୪୦ ଲକ୍ଷ ରୁ ଅଧିକ କାର୍ଯ୍ୟ କରିନଥିବେ ।
୭. ଗୋଷ୍ଠୀ / ସଂଘ ଆର୍ଥିକ ବର୍ଷରେ ୨.୫ ଲକ୍ଷ ରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।
୮. ଗୋଷ୍ଠୀ / ସଂଘ ର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।
୯. ଗୋଷ୍ଠୀ / ସଂଘ ପୂର୍ବରୁ ସମ୍ପାଦନ କରିଥିବା କାର୍ଯ୍ୟ ର ଅଭିଜ୍ଞତା ପ୍ରମାଣପତ୍ର ସଂଲଗ୍ନ କରିବେ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 3773 ତାରିଖ : 23/9/2024

ଏହାର ଏକକିତ। ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବଲାଙ୍ଗିର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ନଂ-୧୮ ର ସମସ୍ତ ମିଶନଶକ୍ତି ଗୋଷ୍ଠି / ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଦୃଷ୍ଟି କୁ ଆଣିବାକୁ ଅନୁରୋଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 3774 ତାରିଖ : 23/9/24

ଏହାର ଏକକିତ। ୱାର୍ଡ ଅଧିକାରୀ / CMM/ ଗୋଷ୍ଠି ସଙ୍ଗଠିକା ବଲାଙ୍ଗିର ପୌରପାଳିକା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ନଂ-୧୮ ର ମିଶନଶକ୍ତି ଗୋଷ୍ଠି / ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇଦେବା କୁ ୱାର୍ଡ ଅଧିକାରୀ ଙ୍କୁ ଅନୁରୋଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 3775 ତାରିଖ : 23/9/2024

ଏହାର ଏକକିତ। ନକଲ ଜିଲ୍ଲାପାଳ, ବଲାଙ୍ଗିର / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ବଲାଙ୍ଗିର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 3776 ତାରିଖ : 23/9/2024

ଏହାର ଏକକିତ। ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତ ଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 3777 ତାରିଖ : 23/9/2024

ଏହାର ଏକକିତ। ନକଲ NIC, Balangir ଙ୍କ wwebsite ରେ upload କରିବା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା